# NATIONAL NEWS BULLETIN (ODIA)

**23 August- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଚନ୍ଦ୍ରଯାନ-୩ର ସଫଳ ଉତ୍କ୍ଷେପଣକୁ ସ୍ମରଣ କରି ଆଜି ପାଳନ କରାଯାଉଛି ଜାତୀୟ ମହାକାଶ ଦିବସ

- ମହାକାଶ କ୍ଷେତ୍ରରେ ବିକାଶ ଦେଶବାସୀଙ୍କ ଜୀବନ ଧାରଣ ମାନକୁ ଅଧିକ ସହଜ ଓ ସରଳ କରିପାରିଛି, କହିଲେ ପ୍ରଧାନମନ୍ତ୍ରୀ

- ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା ଜାରି ରହିଛି, କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ

- ରୁଷ ଓ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ମଧ୍ୟରେ ବୈଠକ ନେଇ ଏପର୍ଯ୍ୟନ୍ତ କାର୍ଯ୍ୟସୂଚୀ ସ୍ଥିର ହୋଇନାହିଁ ବୋଲି ସ୍ପଷ୍ଟକଲେ ରୁଷ୍ ବୈଦେଶିକ ମନ୍ତ୍ରୀ

ଏବଂ

- ଷୋଡ଼ଶ ଏସିଆନ୍ ବନ୍ଧୁକଚାଳନା ପ୍ରତିଯୋଗିତାର ଦଶମିଟର ପୁରୁଷ ବର୍ଗରେ ସ୍ୱର୍ଣ୍ଣପଦକ ହାସଲ କଲା ଭାରତ

## ଜାତୀୟ ମହାକାଶ ଦିବସ

**ଆର୍ଯ୍ୟଭଟ୍ଟଙ୍କ ଠାରୁ ଗଗନଯାନ - ପାରମ୍ପରିକ ଜ୍ଞାନରୁ ଅସୀମିତ ସମ୍ଭାବନା** ବିଷୟବସ୍ତୁକୁ ନେଇ ସମଗ୍ର ଦେଶରେ ଆଜି ପାଳନ

କରାଯାଉଛି ଦ୍ୱିତୀୟ ଜାତୀୟ ମହାକାଶ ଦିବସ ।  ଏଥିରେ ସମାଜ ଏବଂ ପ୍ରଯୁକ୍ତି ବିଦ୍ୟା ଉପରେ ମହାକାଶ ଅନୁସନ୍ଧାନର ଗଭୀର ପ୍ରଭାବକୁ ଗୁରୁତ୍ୱ ଦିଆଯାଇଛି । ଶୁଣନ୍ତୁ ଏ ସଂପର୍କରେ ଏକ ରିପୋର୍ଟ :

**V/O (Mukesh Bal)**

ଇସ୍ରୋ ପକ୍ଷରୁ  ଗତକାଲି  ଦ୍ୱିତୀୟ ମହାକାଶ ଆଲୋଚନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏଥିରେ ବିଭିନ୍ନ ମନ୍ତ୍ରଣାଳୟ, ଶିକ୍ଷାନୁଷ୍ଠାନ, ବେସରକାରୀ ସଂଗଠନ, ଷ୍ଟାର୍ଟଅପ୍ ଏବଂ ବିଶେଷଜ୍ଞମାନେ ଯୋଗଦେଇ ଭାରତୀୟ ମହାକାଶ କ୍ଷେତ୍ରର ବିକାଶ ଉପରେ ଆଲୋଚନା କରିଛନ୍ତି ।

ଗତ ୪ ମାସ ମଧ୍ୟରେ ୧୦ଟି ଆଲୋଚନାଚକ୍ର ମାଧ୍ୟମରେ ଅନେକ ବିଶେଷଜ୍ଞ ଭବିଷ୍ୟତ ଯୋଜନା ନିମନ୍ତେ ଆଲୋଚନା, ପର୍ଯ୍ୟାଲୋଚନା କରିଛନ୍ତି । ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ ମିଶ୍ର କହିଛନ୍ତି, ଭାରତର ମହାକାଶ ଯାତ୍ରା ଏବଂ ଏହାର ଉଦ୍ଦେଶ୍ୟ ପୂରଣ ଲାଗି ସରକାରଙ୍କ ସମସ୍ତ ବିଭାଗର ଯୋଗଦାନ  ଅତୁଳନୀୟ । ଶ୍ରୀ ମିଶ୍ର କହିଛନ୍ତି, ୨୦୧୪ ମସିହାରୁ ଆଜିପର୍ଯ୍ୟନ୍ତ ଭାରତର ମହାକାଶ ଅଭିଯାନ କ୍ଷେତ୍ରରେ ୩୫୦ରୁ ଅଧିକ ଷ୍ଟାର୍ଟଅପ୍ କାର୍ଯ୍ୟ କରୁଛି । ଇସ୍ରୋ ଅଧ୍ୟକ୍ଷ ଭି.ନାରାୟଣନ୍ କହିଛନ୍ତି, ୧୯୬୩ ମସିହାରୁ ଭାରତର ରକେଟ୍ ପ୍ରକ୍ଷେପଣଠାରୁ ଆରମ୍ଭ କରି ବିକଶିତ ଭାରତ ୨୦୪୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ମହାକାଶ ଯାତ୍ରା ଭାରତକୁ ଅନନ୍ୟ ପରିଚୟ ପ୍ରଦାନ କରିଛି ।

ଆଜି ଜାତୀୟ ମହାକାଶ ଦିବସ ଅବସରରେ ମହାକାଶ ବିଭାଗ ପକ୍ଷରୁ ଏକମାସ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

---

# ପିଏମ୍-ସ୍ପେସ୍ ଡେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ମହାକାଶ ଦିବସ ଅବସରରେ ଏ କ୍ଷେତ୍ର ସହିତ ଜଡ଼ିତ ସମସ୍ତ ବ୍ୟକ୍ତି, ବୈଜ୍ଞାନିକ ଏବଂ ଯୁବପିଢ଼ିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ଭିଡ଼ିଓ ବାର୍ତ୍ତାରେ ଶ୍ରୀ ମୋଦୀ କହିଛନ୍ତି ଯେ ଖୁବ୍ କମ୍ ସମୟ ମଧ୍ୟରେ ଏହା ଉତ୍ସାହ ଏବଂ ଆକର୍ଷଣର ଏକ କେନ୍ଦ୍ରବିନ୍ଦୁ ପାଲଟିଛି । ସେ କହିଛନ୍ତି ଯେ ଆଜି ଭାରତ ଅର୍ଦ୍ଧ-କ୍ରାୟୋଜେନିକ୍ ଇଞ୍ଜିନ୍ ଏବଂ ବୈଦ୍ୟୁତିକ ପ୍ରଚଳନ ଭଳି ପ୍ରଯୁକ୍ତିବିଦ୍ୟାରେ ଦ୍ରୁତଗତିରେ ଅଗ୍ରଗତି କରୁଥିବା ବେଳେ ଖୁବ୍‌ଶୀଘ୍ର ଏହା ଗଗନଯାନ ମିଶନ ଆରମ୍ଭ କରିବ । ଶ୍ରୀ ମୋଦୀ କହିଛନ୍ତି, ମହାକାଶ-ପ୍ରଯୁକ୍ତି ବିଦ୍ୟା ମଧ୍ୟ ଭାରତରେ ଶାସନର ଏକ ଅଂଶ ହେବାକୁ ଯାଉଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ମହାକାଶ କ୍ଷେତ୍ରରେ ଦେଶର ପ୍ରଗତି ସହିତ ସାଧାରଣ ନାଗରିକଙ୍କ ଜୀବନ ଧାରଣର ମାନକୁ ଅଧିକ ସରଳ ଓ ସହଜ କରିଛି ।

**V/O (PM)**

---

# ଏଚ୍‌ଏମ୍-ସ୍ପେସ୍ ଡେ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଚନ୍ଦ୍ରାୟନ-୩ ମିଶନକୁ ସଫଳ କରିଥିବା ମହାକାଶ ବୈଜ୍ଞାନିକ ଏବଂ ଇଞ୍ଜିନିୟରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି, ଏହି ମିଶନ ମହାକାଶ ଅନୁସନ୍ଧାନରେ ନୂତନ ସୀମା ଉନ୍ମୁକ୍ତ କରିଥିବା ବେଳେ ଦେଶର ଯୁବପିଢ଼ିଙ୍କ ମଧ୍ୟରେ ନବସୃଜନ ସୃଷ୍ଟି କରିଛି ।

ଶ୍ରୀ ଶାହା କହିଛନ୍ତି, ଭାରତ ଏହି ଆକାଂକ୍ଷାକୁ ବାସ୍ତବତାରେ ପରିଣତ କରିବା ପାଇଁ ହେଲେ ଇସ୍ରୋ ଚାନ୍ଦ୍ରାୟନ-୩ ଏବଂ ଆଦିତ୍ୟ ଭଳି ମିଶନ ଜାରି ରଖିବା ଆବଶ୍ୟକ ।

---

## ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର କହିଛନ୍ତି, ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା ଏବେ ମଧ୍ୟ ଜାରି ରହିଛି । ନୂଆଦିଲ୍ଲୀଠାରେ ଆୟୋଜିତ ଇକୋନମିକ୍ ଟାଇମ୍ସ ୱାର୍ଲଡ ଲିଡର୍ସ ଫୋରମ୍ ୨୦୨୫କୁ ସମ୍ବୋଧନ କରି ଡକ୍ଟର ଜୟଶଙ୍କର ଏହା କହିଛନ୍ତି । ସେ କହିଛନ୍ତି, ଦେଶର ଚାଷୀ ଏବଂ କ୍ଷୁଦ୍ର ଉଦ୍ୟୋଗୀଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖିବାରେ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ।

---

## ରୁଷ-ୟୁକ୍ରେନ୍

ରୁଷ୍ ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭରୋଭ କହିଛନ୍ତି ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ ଏବଂ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍ଦୋମିର ଜେଲେନ୍ସ୍କିଙ୍କ ମଧ୍ୟରେ କୌଣସି ବୈଠକର ଯୋଜନା ଏପର୍ଯ୍ୟନ୍ତ ନାହିଁ । ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ସହ ଆଲୋଚନା ବୈଠକର କାର୍ଯ୍ୟସୂଚୀ ସ୍ଥିର କରିବା ପରେ ରାଷ୍ଟ୍ରପତି ପୁଟିନ ଏଥିରେ ଅଂଶ ଗ୍ରହଣ କରିବବେ, କିନ୍ତୁ ଏ ସଂପର୍କିତ କାର୍ଯ୍ୟସୂଚୀ ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନାହିଁ ବୋଲି ଶ୍ରୀ ଲାଭରୋଭ୍ ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି, ଗତ ସପ୍ତାହରେ ଆଲାସ୍କାଠାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ହୋଇଥିବା ଆଲୋଚନାରେ, କେତେକ ପ୍ରସଙ୍ଗରେ ରାଷ୍ଟ୍ରପତି ପୁଟିନ ସହଯୋଗ ନେଇ ସମ୍ମତି ପ୍ରଦାନ କରିଛନ୍ତି ।

ତେବେ ୟୁକ୍ରେନ୍ ବୈଠକ କାର୍ଯ୍ୟସୂଚୀରେ ବାଧା ସୃଷ୍ଟି କରୁଥିବା ଶ୍ରୀ ପୁଟିନ କହିଥିଲେ ।

ଅନ୍ୟପକ୍ଷରେ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କି କିଭ୍‌ଠାରେ ନାଟୋର ସେକ୍ରେଟାରୀ ଜେନେରାଲ୍ ମାର୍କ ରୁଟ୍‌ଙ୍କୁ ସାକ୍ଷାତ କରି ୟୁକ୍ରେନ୍ ପାଇଁ ଧାରା-୫ ପରି ସୁରକ୍ଷା ଦାବି କରିଛନ୍ତି । ଆକାଶ, ସ୍ଥଳ, ଜଳଭାଗ ସୁରକ୍ଷା ସମେତ ନିରନ୍ତର ସାମରିକ ଏବଂ ଆର୍ଥିକ ସହାୟତା ନେଇ ରାଷ୍ଟ୍ରପତି ଜେଲେନ୍‌ସ୍କି ଶ୍ରୀ ରୁଟ୍‌ଙ୍କ ସମ୍ମୁଖରେ ଏକ ବିସ୍ତୃତ ଯୋଜନା ଉପସ୍ଥାପିତ କରିଛନ୍ତି । ରୁଷ ଏବଂ ୟୁକ୍ରେନ୍ ଯୁଦ୍ଧ ସମାପ୍ତ ନେଇ ନାଟୋର ନେତୃବୃନ୍ଦ ମତ ବିନିମୟ କରିଥିବା ଜଣାପଡ଼ିଛି । ଆମେରିକା ଏବଂ ୟୁରୋପୀୟ ସଂଘ ସହିତ ହୋଇଥିବା ଆଲୋଚନାରେ ଶ୍ରୀ ଜେଲେନ୍‌ସ୍କି ୟୁକ୍ରେନ୍‌ର ଭବିଷ୍ୟତ ସୁରକ୍ଷା ଉପରେ ନିଜର ମତ ଉପସ୍ଥାପନ କରିଛନ୍ତି ।

---

## ବିହାର-ଆକ୍ସିଡେଣ୍ଟ

ବିହାରର ପାଟନା ଜିଲ୍ଲା ଅନ୍ତର୍ଗତ ଦାନିଆୱାନ୍ ଥାନା ଅଞ୍ଚଳରେ ଏକ ସଡ଼କ ଦୁର୍ଘଟଣାରେ ୮ ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟ ୫ ଜଣ ଏଥିରେ ଆହତ ହୋଇଛନ୍ତି । ପୋଲିସ୍ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦାନିଆୱାନ ରାଜ୍ୟ ରାଜପଥର ସିଗ୍ରିୟାୱାଁ ଷ୍ଟେସନ ନିକଟରେ ଆଜି ସକାଳେ ଏହି ଦୁର୍ଘଟଣା ଘଟିଛି । ଏକ ଅଟୋରିକ୍ସା ଟ୍ରକ୍ ସହିତ ଧକ୍କା ହେବାରୁ ଘଟଣାସ୍ଥଳରେ ୮ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଛି । ଆହତଙ୍କୁ ପାଟନାର ପି.ଏମ୍.ସି.ଏଚ୍. ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ପବିତ୍ର ବୁଡ଼ ପକାଇବାକୁ ଏହି ଯାତ୍ରୀମାନେ ଗଙ୍ଗାନଦୀ ଫତୁହା ର ତ୍ରିବେଣୀ ଘାଟକୁ ଯାଉଥିଲେ ବୋଲି ଜଣାପଡ଼ିଛି ।

---

## ଉତ୍ତରାଖଣ୍ଡ-ବୃଷ୍ଟ

ଉତ୍ତରାଖଣ୍ଡ ଚାମୋଲି ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଛି । କେଦାରବାଗଡ଼, ରୋଡ଼ିବାଗଡ଼ ଏବଂ ଚେପାଡୋ ସମେତ ଆଖପାଖ ଅଞ୍ଚଳ ବିଶେଷ ଭାବେ ପ୍ରଭାବିତ ହୋଇଥିବା ଜଣାପଡ଼ିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଥରାଲି ତହସିଲ ଅନ୍ତର୍ଗତ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଛୁଟି ଘୋଷଣା କରାଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମୁଖ୍ୟମନ୍ତ୍ରୀ ପୁଷ୍କରସିଂ ଧାମୀ କହିଛନ୍ତି, ପ୍ରଭାବିତ ଅଞ୍ଚଳରେ ଜିଲ୍ଲା ପ୍ରଶାସନ, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ, ପୁଲିସ୍ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯିବା ସହ ଜିଲ୍ଲା ପ୍ରଶାସନ ସହ ନିରନ୍ତର ଯୋଗାଯୋଗ ରକ୍ଷା କରାଯାଇଛି ବୋଲି ଶ୍ରୀ ଧାମୀ କହିଛନ୍ତି । ଆକାଶବାଣୀ ସମ୍ବାଦ ବିଭାଗକୁ ସୂଚନା ଦେଇ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ବିବେକପ୍ରକାଶ କହିଛନ୍ତି, ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ରିଲିଫ୍ ଶିବିରକୁ ସ୍ଥାନାନ୍ତର କରାଯାଇଛି । ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିଛି । ପାଣିପାଗ ବିଭାଗ ପକ୍ଷରୁ ଡେରାଡୁନ୍, ନୈନତାଲ, ବାଗେଶ୍ୱର ଏବଂ ପିଥୋରାଗଡ଼ରେ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି ।

---

## ପଞ୍ଜାବ ମାଜିଥିଆ

ଶିରୋମଣି ଅକାଳୀଦଳ ନେତା ତଥା ପୂର୍ବତନ ମନ୍ତ୍ରୀ ବିକ୍ରମ ସିଂ ମାଜିଥିଆଙ୍କ ବିରୁଦ୍ଧରେ ପଞ୍ଜାବ ଦୁର୍ନୀତିନିବାରଣ ବିଭାଗ ପକ୍ଷରୁ ୪୦ ହଜାର ପୃଷ୍ଠାର ଚାର୍ଜସିଟ୍ ଦାଖଲ କରାଯାଇଛି । ମୋହାଲି କୋର୍ଟରେ ଗତକାଲି ଦାଖଲ କରାଯାଇଥିବା ଏହି ଚାର୍ଜସିଟ୍ ସହିତ ଅନ୍ୟାନ୍ୟ ନଥିପତ୍ର ମଧ୍ୟ ଦାଖଲ କରାଯାଇଛି । ବିଭାଗୀୟ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାଜନୈତିକ ପଦର ଅପବ୍ୟବହାର, ଦୁର୍ନୀତି ତଥା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ

ଅଭିଯୋଗ ନେଇ ଶ୍ରୀ ମାଜିଥିଆଙ୍କ ବିରୁଦ୍ଧରେ ତଦନ୍ତ କରାଯାଇଥିଲା । ଏହି ମାମଲାରେ ଗତ ଜୁନ୍ ମାସ ୨୫ ତାରିଖରେ ଶ୍ରୀ ମାଜିଥିଆଙ୍କ ତାଙ୍କ ଅମୃତସର ବାସଭବନରୁ ଗିରଫ କରାଯାଇଥିଲା । ସରକାରୀ ଓକିଲ ଦେଇଥିବା ସୂଚନା ଅନୁଯାୟୀ, ଏହି ମାମଲାରେ ୨୦୦ରୁ ଅଧିକ ସାକ୍ଷୀଙ୍କର ବୟାନ ରେକର୍ଡ କରାଯାଇଥିବା ବେଳେ ୪୦୦ରୁ ଅଧିକ ବ୍ୟାଙ୍କ ଆକାଉଣ୍ଟ୍‌କୁ ଯାଞ୍ଚ କରାଯାଇଛି । ମୋହାଲି କୋର୍ଟ ଗତ ୧୮ ତାରିଖରେ ମାଜିଥିଆଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ । ନୂତନ **ନାଭା** ଜେଲ୍‌ରେ ଅଟକ ଥିବା ଶ୍ରୀ ମାଜିଥିଆଙ୍କ ବିଚାରବିଭାଗୀୟ ହାଜତ ମିଆଦକୁ କୋର୍ଟ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ।

---

## ସୁଟିଂ

ଷୋଡ଼ଶ ଏସିୟାନ୍ ବନ୍ଧୁକଚାଳନା ପ୍ରତିଯୋଗିତାରେ ଭାରତର ଅର୍ଜୁନ ବାବୁଟା ଏବଂ ଇଲାଭେନିଲ ଭାଲାରିଭାନ୍ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । କାଜାଖସ୍ତାନର ସିନ୍‌କେଣ୍ଟଠାରେ ଚାଲିଥିବା ଏହି ପ୍ରତିଯୋଗିତାର ୧୦ ମିଟର ଏୟାର ରାଇଫଲ୍ ମିଳିତ ବର୍ଗରେ ଏହି ଭାରତୀୟ ଯୋଡ଼ି ବିଜୟୀ ହୋଇଛନ୍ତି । ଫାଇନାଲ୍ ପ୍ରତିଯୋଗିତାରେ ଚୀନ୍ ଯୋଡ଼ିଙ୍କୁ ପରାସ୍ତ କରି ଭାରତ ଏହି ସଫଳତା ହାସଲ କରିଛି ।

---